## ମହାପାତ୍ର ନୀଳମଣି ସାହୁ

■ ପାରମିତା ପଢ଼ିଲା ବେଳେ ବୁଦ୍ଧିମତୀ ଓ ସାହିତ୍ୟ ସଂପର୍କରେ ଖୁବ୍ ସଚେତନ । ତାଙ୍କ ଗଳ୍ପଗୁଡ଼ିକ ସର୍ବଦା ନୂତନସ୍ୱାଦର । ସଂସାରରେ ଆକର୍ଷଣୀୟ ସୂକ୍ଷ୍ମତମ ପୀଡ଼ା ଓ ଉଜ୍ଜ୍ୱଳ ଆନନ୍ଦ ଅବବୋଧ ଦେବାକୁ 'ଭାଷାକ୍ଷରା'ର ଗଳ୍ପଗୁଡ଼ିକ ଏକଠୁ ଅନେକ ବଢ଼ିଯାଉ । ଏହାର 'କାର୍ତ୍ତିକ୍ ମା' ଗଳ୍ପଟିର କାରୁଣ୍ୟ ଏତେ ତୀବ୍ର ଯେ ଗପଟି ପଢ଼ି କାନ୍ଦିଛି । ତାଙ୍କର ଗଳ୍ପଗୁଡ଼ିକ କବିତା ଭଳି ସ୍ୱତ ଆବେଗ ସଂପନ୍ନ । ବହିଃ ବାସ୍ତବତା ସହ ଅନ୍ତଃଜଗତର ବାସ୍ତବତାକୁ ସେ ମିଳାଇ ନେଇ, କେବେବ ସଂଘର୍ଷ ଘଟାଇ ଗଳ୍ପର ଭାବାବେଗକୁ ଶାଣିତ କରିଥାନ୍ତି / ବର୍ତ୍ତମାନର ଗଳ୍ପ ଲେଖକଙ୍କ ମଧ୍ୟରେ ତାଙ୍କର ସୃଜନ ପ୍ରତିଷ୍ଠା ସ୍ୱତନ୍ତ୍ର ଉଲ୍ଲେଖ ଦାବି କରେ ।

## ପ୍ରଫେସର ଡଃ ତ୍ରିଲୋଚନ ମିଶ୍ର

■ ୧୯୮୦ ମସିହା ପରଠାରୁ ଗଳ୍ପରାଜ୍ୟରେ ନାରୀ ମନସ୍ତତ୍ତ୍ୱର ଯେଉଁ ବିସ୍ଫୁରଣ ଘଟିଛି, ତା'ର ଅନେକ ସୂକ୍ଷ୍ମ ଅଂଶ ପାରମିତା ରଚନାରେ ପ୍ରକଟିତ । ତାଙ୍କ ଗଳ୍ପଗୁଡ଼ିକ ସାଧାରଣତଃ ମୁହୂ ଆଧାରିତ । ଏଗୁଡ଼ିକୁ ମୁହୂର୍ତ୍ତର ସ୍ମୃତିସୌଧ ବା Moment's Monument କୁହାଯିବ । ଏ ପରିପ୍ରେକ୍ଷୀରେ ପାରମିତାଙ୍କ ଗଳ୍ପରେ ରହିଛି ସ୍ୱୀକୃତି ଓ ସଂଭାବନା । ୧୯୯୬ରେ ତାଙ୍କର ପ୍ରଥ ସଂକଳନ 'ବିବିଧ ଅସ୍ୱପ୍ନ'ରେ ଗଳ୍ପଗୁଡ଼ିକ ଅକଳ୍ପିତ ଆକସ୍ମିକତା ପ୍ରତିପାଦନ କରିଛନ୍ତି । ଶୀର୍ଷକ ଗପରେ ରୀନା ରାଉତ ଆକସ୍ମିକତାକୁ ଦୁଃଖକୁ ସହଜ ଭାବେ ଡାଲି ତରକାରୀ ରାନ୍ଧିଲା ପରି ନେଇଛନ୍ତି- ଏହ ଏକ ଚିନ୍ତା ଉଦ୍ରେକକାରୀ ଗପ । ୨ୟ ଗଳ୍ପ ସଂକଳନର ନାମ 'ଭାଷାକ୍ଷରା' ମୁଖ୍ୟତଃ ଏକ କବିତ ସଂକଳନର ନାମ ରୂପେ ପ୍ରତୀତ ହେଲେ ହେଁ ଗଳ୍ପ ଗୁଡ଼ିକ ଯେହେତୁ କବିତା ସହ ସମନ୍ୱୟ ସ୍ଥାପ କରିଛନ୍ତି, ତେଣୁ ଏହି ନାମକରଣ ଯଥାର୍ଥ । ପୁଣି ପାରମିତା ପାଠକୀୟ ସହାନୁଭୂତିକୁ 'ଅମୂଲ୍ୟ ଅକ୍ଷର' ବୋଲି ଗ୍ରହଣ କରିଥିବାର ଉଲ୍ଲେଖ କରିଛନ୍ତି । ମୟୂର ବରବାହନା ନାଟ୍ୟ ସରସ୍ୱତୀ ପ୍ରଚ୍ଛଦରେ ରହିଛନ୍ତି । ମୟୂର ଶକ୍ତିର ପ୍ରତୀକ । ଗଳ୍ପଗୁଡ଼ିକର ସମବେଦନା ଓ ସହାନୁଭୂତି ଉଦ୍ରେକକାରୀ ଶକ୍ତି ବାସ୍ତବିକ ପ୍ରଚୁର

୧୯୮୦ ମସିହା ପରେ ବିଶ୍ୱ ସାହିତ୍ୟରେ Story less story ବା ପ୍ରତିଗଳ୍ପ ବହୁତ ଆସିଛି ଏଥିରେ କବିତା ଓ ଗଳ୍ପ ସମାନ୍ତରାଳ ଭାବେ ଚାଲିଥାଏ । 'ଶୀତଦିନିଆ ଛୁଟିରେ ତୁମେ' ଏହି ଭ Story less story । ପ୍ରଥମ ଗଳ୍ପଟିର ନାଟକୀୟତା ରହିଛି । 'ଚନ୍ଦ୍ରଣିକା' ଗଳ୍ପର ମୂଳସ୍ୱ 'ସାରାଦିନଟିଏ ଓ ଭରା ରାତିଟିଏର ବିଶ୍ୱସ୍ତତା ଖୋଜୁଛି' ଏଥିରେ ଆଧୁନିକ ମଣିଷର ଜୀବନ ସଂଙ୍କ ଶାଣିତ ଭାବେ ପ୍ରକାଶିତ । ଆଜିର ଷ୍ଟାଇଲ ହେଲା Open Ended Story - 'ଭିନ୍ନ ଭିନ୍ନ ବାସ୍ତବତା ଏହାର ଏକ ଉଦାହରଣ ହୋଇପାରେ । 'କଂକ୍ରିଟ୍ କଂକ୍ରିଟ୍' ଗଳ୍ପରେ ନା ଅଛି ମାଟି ମୁଠାଏ ନା ଅ ଆକାଶ । ଆଧୁନିକ ବିଡ଼ମ୍ବିତ ଜୀବନର ପ୍ରତିଛବି ବହନ କରେ । ଆକାଶ ଦେଖିବାର ଶୈଳୀ ଅ ସୁନ୍ଦର । ଚରିତ୍ରକୁ ଚାହିଁ ଭାଷା ପାରମିତା ଗଳ୍ପ ରଚନାରେ ସିଦ୍ଧହସ୍ତ ହେବା ପରେ ଗତିଶୀଳ । ତାଙ୍ ଠାରୁ ଆହୁରି ଆହୁରି ଗଳ୍ପ ଆଶା କରାଯାଏ ।